# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**12 August – 2025**

**News Editor : Tapan Kumar Moharana**

**************************************

## ମୁଖ୍ୟ ସମ୍ବାଦ

- ବଲାଙ୍ଗିର ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା
- ସରକାରୀ କାର୍ଯ୍ୟାଳୟରେ କୃତ୍ରିମ ବୁଦ୍ଧିମତା-ଏଆଇ କ୍ୟାମେରା ଲଗାଯିବା ନେଇ ସରକାରଙ୍କ ନିଷ୍ପତ୍ତି
- ସ୍ୱାଧୀନତା ଦିବସ ସମାରୋହ ପତାକା ଉତ୍ତୋଳନ ନିମନ୍ତେ ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଲା ମୁଖ୍ୟଅତିଥିଙ୍କ ତାଲିକା
- ହାତୀମାନଙ୍କର ସୁରକ୍ଷା ଓ ସଂରକ୍ଷଣର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ହାତୀ ଦିବସ

ଏବଂ

- ଯୁବବର୍ଗଙ୍କ ସୁସ୍ଥ, ସୁରକ୍ଷିତ ଏବଂ ସ୍ଥାୟୀ ଭବିଷ୍ୟତ ଗଠନ ଦିଗରେ ସଚେତନତା ସୃଷ୍ଟି କରିବା ନେଇ ଆଜି ପାଳନ କରାଯାଉଛି ଅନ୍ତର୍ଜାତୀୟ ଯୁବ ଦିବସ

## ପ୍ରଭାତୀ ପରିଡା

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ବଲାଙ୍ଗିର ଜିଲ୍ଲା ଗସ୍ତରେ ଆସି ରାଣୀପୁର ଝରିଆଲ୍‌ର ୬୪ ଯୋଗିନୀ ପୀଠ, ସୋମେଶ୍ୱର ମନ୍ଦିର, ଇନ୍ଦ୍ରଲାଧ ମନ୍ଦିର ଏବଂ ହରିଶଙ୍କର ପୀଠ ପରିଦର୍ଶନ କରିଛନ୍ତି। ବଲାଙ୍ଗିର ଜିଲ୍ଲାରେ ପର୍ଯ୍ୟଟନ କ୍ଷେତ୍ରରେ ସାମଗ୍ରିକ ବିକାଶ ପାଇଁ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ବଲାଙ୍ଗିରରେ ହୋଇଥିବା ସମୀକ୍ଷା ବୈଠକରେ ସୁଭଦ୍ରା ଯୋଜନା, ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା, ପୋଷଣ, ଅଙ୍ଗନୱାଡି, ଲକ୍ଷପତି ଦିଦି, ମିଶନ ଶକ୍ତି ରିଟେଲ ମାର୍ଟ ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିଲା।

**- V/O -**

ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡାଙ୍କର ଗସ୍ତ ସମୟରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ୍ ଏବଂ ଜିଲ୍ଲାପାଳଙ୍କ ସମେତ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଚିବସ୍ତରୀୟ ବୈଠକ–ମନୋଜ ଆହୂଜା

ଭୁବନେଶ୍ୱର ସ୍ଥିତ ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୂଜାଙ୍କ ଅଧ୍ୟକ୍ଷତାରେ ସଚିବ ସ୍ତରୀୟ ବୈଠକରେ ୧୦ଟି ମୁଖ୍ୟ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି। ରାଜ୍ୟର ସମସ୍ତ ସରକାରୀ ଅଫିସ୍‌ରେ କୃତ୍ରିମ ବୁଦ୍ଧିମତା-ଏଆଇ କ୍ୟାମେରା ଲଗାଯିବା ପାଇଁ ବୈଠକରେ ନିଷ୍ପତ୍ତି

ନିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ଖାରବେଳ ଭବନ ଓ ଲୋକସେବା ଭବନରେ ଏଆଇ କ୍ୟାମେରା ଲଗାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଜିଲ୍ଲାସ୍ତରୀୟ ସରକାରୀ ଅଫିସ୍‌ରେ ଏହି କ୍ୟାମେରା ଲଗାଯିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ, ଉତ୍ତମ ପ୍ରଦର୍ଶନ କରୁ ନଥିବା ଅଧିକାରୀଙ୍କ ନିୟମିତ କାର୍ଯ୍ୟର ସମୀକ୍ଷା ସହ ସେମାନଙ୍କ ପ୍ରଦର୍ଶନରେ ସୁଧାର ଆଣିବାକୁ ପର୍ଯ୍ୟାପ୍ତ ସୁଯୋଗ ଦିଆଯିବ। ପ୍ରଦର୍ଶନରେ ସୁଧାର ନ ଆସିଲେ ବାଧ୍ୟତାମୂଳକ ଅବସର ଦିଆଯିବ ବୋଲି ଶ୍ରୀ ଆହୂଜା  କହିଛନ୍ତି। ପ୍ରତି ମାସର ୭ ତାରିଖରେ ଜିଲ୍ଲାପାଳ କେନ୍ଦ୍ରୀୟ ଯୋଜନା ଅଗ୍ରଗତିର ସମୀକ୍ଷା କରିବେ। ସମସ୍ତ ବିଭାଗ ଖର୍ଚ୍ଚ ବୃଦ୍ଧି, ଅଫିସରମାନେ କ୍ଷେତ୍ର ପରିଦର୍ଶନ କରିବା ଉପରେ ଗୁରୁତ୍ୱ ଦେବାକୁ ଶ୍ରୀ ଆହୂଜା ବୈଠକରେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

# ସ୍ୱାଧୀନତା ଦିବସ

୭୯ତମ ସ୍ୱାଧୀନତା ଦିବସ ପାଳନ ପୂର୍ବରୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପତାକା ଉତ୍ତୋଳନ ନେଇ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଭୁବନେଶ୍ୱର ମହାତ୍ମାଗାନ୍ଧୀ ମାର୍ଗରେ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଉତ୍ତୋଳନ କରିବେ। କେନ୍ଦୁଝରରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏବଂ  କଟକରେ ପ୍ରଭାତୀ ପରିଡା ପତାକା ଉତ୍ତୋଳନ କରିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି। ସମ୍ବଲପୁରରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ବଲାଙ୍ଗିରରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, କଳାହାଣ୍ଡିରେ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ,

କନ୍ଧମାଳରେ ଖାଦ୍ୟଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସୁନ୍ଦରଗଡ଼ରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ପୁରୀରେ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପତାକା ଉତ୍ତୋଳନ କରିବେ। ସ୍ୱାଧୀନତା ଦିବସ ପାଳନ ପାଇଁ ରାଜଧାନୀ ଭୁବନେଶ୍ୱରରେ କମିଶନରେଟ୍ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ହର ଘର ତ୍ରିରଙ୍ଗା

ଦେଶ ଆସନ୍ତା ୧୫ ତାରିଖରେ ସ୍ୱାଧୀନତାର ୭୮ ବର୍ଷ ପାଳନ କରିବ। ଏହି ଅବସରରେ ହର ଘର ତ୍ରିରଙ୍ଗା ଅଭିଯାନ ଅଗଷ୍ଟ କ୍ରାନ୍ତି ଦିବସରୁ ଆରମ୍ଭ ହୋଇଛି। ସ୍ୱାଧୀନତା ଦିବସ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ। ଜାତୀୟ ପତାକାକୁ ସମ୍ମାନ ଜଣାଇ ପ୍ରତ୍ୟେକ ନାଗରିକ ସେମାନଙ୍କର ଘର ଉପରେ ଜାତୀୟପତାକା ଉଡ଼ାଇ ସ୍ୱାଧୀନତା ଦିବସ ପାଳନ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ।

**ଝାରସୁଗୁଡ଼ା** ଜିଲ୍ଲା ପ୍ରଶାସନ ପକ୍ଷରୁ 'ହର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁନାଲ ମୋତିରାମ ଚୌହାନ, ଆରକ୍ଷୀ ଅଧିକ୍ଷକ ସ୍ମିତ ପରମାରଙ୍କ ତତ୍ତ୍ୱାବଧାନରେ ଏକ ସାଇକେଲ ଶୋଭାଯାତ୍ରା ଓ ପଦଯାତ୍ରା ମନମୋହନ ସ୍କୁଲ ପଡିଆ ପର୍ଯ୍ୟନ୍ତ ଆୟୋଜନ କରାଯାଇଥିଲା। ଦେଶ ସ୍ୱାଧୀନତାରେ ବଳିଦାନ ଦେଇଥିବା ବୀରମାନଙ୍କ

ସ୍ମୃତିଚାରଣ କରିବା ପାଇଁ 'ହର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ ଆୟୋଜନର ମୂଳ ଲକ୍ଷ୍ୟ ବୋଲି ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ କହିଛନ୍ତି ।

**ଗଜପତି** ଜିଲ୍ଲା ପରିଷଦ ସମ୍ମିଳନୀକକ୍ଷଠାରେ ଜିଲ୍ଲା ପ୍ରକଳ୍ପ ପରିଚାଳକ ଓଡ଼ିଶା ଜୀବିକା ମିଶନ ଟିମନବାରାଙ୍କ ଅଧକ୍ଷତାରେ ଜିଲ୍ଲାର ସମସ୍ତ ବ୍ଲକ୍‌କୁ ୧ ଲକ୍ଷ ପତାକା ବଣ୍ଟନ କରାଯାଇଛି । ସ୍ୱୟଂସହାୟିକା ଗୋଷ୍ଠୀଙ୍କ ଦ୍ୱାରା ଏହି ପତାକାଗୁଡିକୁ ଘରକୁ ଘର ବୁଲି ବିନାମୂଲ୍ୟରେ ବଣ୍ଟନ କରାଯିବ ।

**ନବରଙ୍ଗପୁର** ଜିଲ୍ଲା ଭାରତୀୟ ଜନତା ପାର୍ଟି ପକ୍ଷରୁ ବିଧାୟକ ଗୌରୀଶଙ୍କର ମାଝୀଙ୍କ ଅଧକ୍ଷତାରେ ନିଶନାହାଣ୍ଡିଠାରୁ 'ହର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଏକ ବାଇକ୍ ଶୋଭାଯାତ୍ରା ନନ୍ଦାହାଣ୍ଡି ମଣ୍ଡଳର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା ।

**ନବରଙ୍ଗପୁର** ସିଆରପିଏଫ୍‌ର ୧୨ ବାଟାଲିୟନ୍ ପକ୍ଷରୁ 'ହର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବାଟାଲିୟନର କମାଣ୍ଡାଣ୍ଟ ଏନ୍.କେ.କେ. ପ୍ରସାଦ ଏକ ସଚେତନତା ବାଇକ୍ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ ।

## ବିଶ୍ୱ ହାତୀ ଦିବସ

ହାତୀମାନଙ୍କର ସୁରକ୍ଷା ଏବଂ ସଂରକ୍ଷଣ ବାର୍ତ୍ତା ନେଇ ୨୦୧୧ ମସିହାରୁ ଆଜିର ଦିନକୁ ବିଶ୍ୱ ହାତୀ ଦିବସ ଭାବେ ପାଳନ କରାଯାଉଛି । ୨୦୨୪ ହାତୀ

ଗଣନା ରିପୋର୍ଟ ଅନୁସାରେ, ରାଜ୍ୟର ୨୮ଟି ଜିଲ୍ଲାର ୪୮ଟି ବନଖଣ୍ଡ ଡିଭିଜନରେ ହାତୀ ସଂଖ୍ୟା ୨ହଜାର ୧୦୩ ଥିଲା।

ଏ ସମ୍ପର୍କରେ ଶୁଣନ୍ତୁ ଏକ ରିପୋର୍ଟ.....

୧୩ଟି ବନଖଣ୍ଡରେ ଆଦୌ ହାତୀ ନଥିବା ବେଳେ ଢେଙ୍କାନାଳରେ ସର୍ବାଧିକ ୨୯୧ଟି ହାତୀ ରହିଥିବା ଜଣାପଡିଛି । ରାୟଗଡ଼ା ଓ ଝାରସୁଗୁଡ଼ା ବନଖଣ୍ଡରେ ଗୋଟିଏ ଲେଖାଏଁ ହାତୀ ଥିବା ଗଣନାରୁ ଜଣାପଡିଛି। ୨୦୧୭ ମସିହା ହାତୀଗଣନା ତୁଳନାରେ ୨୦୨୪ ମସିହାରେ ଅଧିକ ୧୬୦ଟି ହାତୀ ବଢ଼ିଛନ୍ତି। ହାତୀଙ୍କ ଚଳପ୍ରଚଳ ପାଇଁ ୧୪ଟି ହାତୀ କରିଡର ଚିହ୍ନଟ କରାଯାଇଛି।

ବିଶ୍ୱ ହାତୀ ଦିବସ ଅବସରରେ **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ସମସ୍ତେ ମିଳିମିଶି ହାତୀ ସୁରକ୍ଷା ପାଇଁ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଛନ୍ତି । ମାନବ-ହାତୀ ସଂଘର୍ଷକୁ ପ୍ରଶମିତ କରିବା ପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି। ହାତୀ ଆକ୍ରମଣରେ କ୍ଷତିଗ୍ରସ୍ତ ହେଉଥିବା ଧନଜୀବନ ପାଇଁ ଅନୁକମ୍ପାମୂଳକ ସହାୟତା ରାଶିରେ ବୃଦ୍ଧି କରାଯାଇଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। **ଉପମୁଖ୍ୟମନ୍ତ୍ରୀ** ପ୍ରଭାତୀ ପରିଡା ହାତୀମାନଙ୍କ ସୁରକ୍ଷା ଓ ସଂରକ୍ଷଣ ଦିଗରେ ସଚେତନତା, ଉପଯୁକ୍ତ ପରିବେଶ ସୃଷ୍ଟି ପାଇଁ ଆଜିର ଦିନ ଉତ୍ସର୍ଗୀକୃତ ବୋଲି କହିଛନ୍ତି। ବିଶ୍ୱ ହାତୀ ଦିବସରେ ନନ୍ଦନକାନନର ମୁଖ୍ୟ ବନ ସଂରକ୍ଷକ ବିକାଶ ରଞ୍ଜନ ଦାସ ପ୍ରତିକ୍ରିୟାରେ କୁହନ୍ତି.....

**- V/O -**

ଆକାଶବାଣୀ, କଟକ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆଁ

# ଅନ୍ତର୍ଜାତୀୟ ଯୁବଦିବସ

ଯୁବବର୍ଗଙ୍କୁ ସୁସ୍ଥ, ସୁରକ୍ଷିତ ଏବଂ ସ୍ଥାୟୀ ଭବିଷ୍ୟତ ଗଠନ ପାଇଁ ସଚେତନ କରିବା ଉଦ୍ଦେଶ୍ୟରେ ଆଜି ଅନ୍ତର୍ଜାତୀୟ ଯୁବ ଦିବସ ପାଳନ କରାଯାଉଛି । ମିଳିତ ଜାତିସଂଘର ସାଧାରଣ ପରିଷଦର ନିଷ୍ପତ୍ତିକ୍ରମେ ୨୦୦୦ ମସିହାରୁ ପ୍ରତିବର୍ଷ ଆଜିର ଦିନକୁ ଅନ୍ତର୍ଜାତୀୟ ଯୁବଦିବସ ଭାବେ ପାଳନ କରାଯାଇଆସୁଛି। ଦେଶର ପ୍ରଗତି ତଥା ବିକାଶର କର୍ଣ୍ଣଧାର, ଶକ୍ତି, ସୃଜନଶୀଳତା ଓ କଠିନ ପରିଶ୍ରମର ପ୍ରତୀକ ସମସ୍ତ ଯୁବପିଢ଼ିଙ୍କ ପାରଦର୍ଶିତା ଲୋକଲୋଚନକୁ ଆଣିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଦେଶର ଯୁବପିଢ଼ିମାନେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକରି ସଫଳତା ଅର୍ଜନ କରିଛନ୍ତି। ଯୁବ ଦିବସ ଅବସରରେ ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଯୁବ ଦିବସ ଅବସରରେ ଯୁବପିଢ଼ିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏକ ସମୃଦ୍ଧ ଓ ବିକଶିତ ରାଷ୍ଟ୍ର ନିର୍ମାଣରେ ଯୁବପିଢ଼ିଙ୍କ ଅବଦାନ ଅତୁଳନୀୟ।  ସଚେତନତା ଅଭାବରୁ ଯୁବବର୍ଗଙ୍କ ଭବିଷ୍ୟତ ଅସୁରକ୍ଷିତ ହୋଇଯାଏ ବୋଲି ଏକ ବାର୍ତ୍ତାରେ ଶ୍ରୀ ମାଝୀ କହିଛନ୍ତି।

ସୁସ୍ଥ ଜୀବନଯାପନ ବିଷୟରେ ସଚେତନ ନ ହେଲେ ଯୁବକମାନେ ଏଚ୍ଆଇଭି ଭୂତାଣୁ  ଏଡ୍ସ ଭଳି ମାରାତ୍ମକ ରୋଗର ଶିକାର ହୋଇପାରନ୍ତି ।

ଏଡ୍ସ ଏବଂ ଏଥିସହ ଅନ୍ୟ ସଂକ୍ରମଣ ଉପରେ ସଚେତନତା ସୃଷ୍ଟି ପାଇଁ ଆଜିଠାରୁ ଅକ୍ଟୋବର ୧୧ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଏକ ସ୍ୱତନ୍ତ୍ର ଅଭିଯାନର ଶୁଭାରମ୍ଭ ହେଉଛି । ଏଥିପାଇଁ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି ।

# କୃମିନାଶକ ଦିବସ

କୃମି ସଂକ୍ରମଣ ବିପଦକୁ ମୁକାବିଲା କରିବା ଓ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଜାତୀୟ କୃମିନାଶକ ଦିବସ ପାଳନ କରାଯାଉଛି । ମନୁଷ୍ୟ ଶରୀରରେ କୃମି ଖରାପ ପ୍ରଭାବ ପକାଇଥାଏ। କୃମିର ପ୍ରଭାବରେ ଶରୀରରେ ପୁଷ୍ଟିହୀନତା ଓ ରକ୍ତହୀନତା ଦେଖାଯିବା ସହିତ ମାନସିକ ଓ ଶାରୀରିକ ଅଭିବୃଦ୍ଧି ବାଧାପ୍ରାପ୍ତ ହୋଇଥାଏ। ଜାତୀୟ କୃମିନାଶକ ଦିବସରେ ସୁରକ୍ଷିତ ରଖିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଆଜି ରାଜ୍ୟରେ କୃମିନାଶକ ଔଷଧ ବଣ୍ଟନ କରାଯାଉଛି। ୧ ରୁ ୧୯ ବର୍ଷ ବୟସର ସମସ୍ତ ପିଲାମାନଙ୍କୁ କୃମିନାଶକ ବଟିକା ସେବନ କରାଯାଉଛି। ଯେଉଁ ପିଲାମାନେ ଆଜି ଔଷଧ ଖାଇ ନଥିବେ ସେମାନଙ୍କୁ ଆସନ୍ତା ମଙ୍ଗଳବାର ଦିନ ଏହି ଔଷଧ ଦିଆଯିବ। ଅଣପଞ୍ଜୀକୃତ, ବିଦ୍ୟାଳୟ ଯାଉ ନଥିବା ପିଲା ଏବଂ ପ୍ରଜନନକ୍ଷମ ମହିଳାମାନେ ଅଙ୍ଗନୱାଡ଼ିରେ ଔଷଧ ପାଇପାରିବେ ବୋଲି ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କୁହାଯାଇଛି।

**ଭଦ୍ରକ** ଜିଲ୍ଲା ସ୍ୱାସ୍ଥ୍ୟସମିତି ପକ୍ଷରୁ ଜିଲ୍ଲା ସ୍କୁଲରେ ଜାତୀୟ କୃମିନାଶକ ଦିବସ ପାଳିତ ହୋଇଛି। ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କନକଲତା ସାହୁ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ କୃମିନାଶକ ଔଷଧ ବଣ୍ଟନ କରିଥିଲେ।

ଜିଲ୍ଲାରେ ୪ ଲକ୍ଷ ୯୪ ହଜାରରୁ ଅଧିକ ପିଲା, ୭୨ ହଜାର ୯୦୦ ଜଣ ୨୦ରୁ ୨୪ ବର୍ଷ ବୟସର ମହିଳାଙ୍କୁ କୃମିନାଶକ ଔଷଧ ପ୍ରଦାନ କରାଯିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି।

**ନୟାଗଡ଼** ଜିଲ୍ଲା ଖଣ୍ଡପଡା ପ୍ରାଇମେରୀ, ଅପର ପ୍ରାଇମେରୀ ସ୍କୁଲରେ ଜାତୀୟ କୃମିନାଶକ ଦିବସର ଶୁଭାରମ୍ଭ ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁଶାନ୍ତ ଦାଶ, ଜିଲ୍ଲା ପରବାର କଲ୍ୟାଣ ଅଧିକାରୀ ପ୍ରମୁଖଙ୍କ ଉପସ୍ଥିତିରେ ୧୨୩ ଜଣ ଛାତ୍ରଛାତ୍ରୀଙ୍କୁ କୃମିନାଶକ ଔଷଧ ସେବନ କରାଯାଇଥିଲା।

**କଳାହାଣ୍ଡି** ଜିଲ୍ଲା ଭବାନୀପାଟଣାସ୍ଥିତ ସରକାରୀ ବାଳିକା ବିଦ୍ୟାଳୟ ପରିସରରେ ଜାତୀୟ କୃମିନାଶକ ଦିବସ ପାଳିତ ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଛାତ୍ରୀମାନଙ୍କୁ କୃମିନାଶକ ଔଷଧର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ।

## ରାହୁରେଖା ଲାଗି ନୀତି

**ପୁରୀ** ଶ୍ରୀମନ୍ଦିରରେ ଆସନ୍ତାକାଲି ଭାଦ୍ରବ କୃଷ୍ଣ ଚତୁର୍ଥୀ ତିଥିରେ ଶ୍ରୀବିଗ୍ରହମାନଙ୍କ ରାହୁରେଖା ଲାଗି ନୀତି ଅନୁଷ୍ଠିତ ହେବ। ପ୍ରଥମ ଭୋଗମଣ୍ଡପ ନୀତି ଶେଷ ହେବା ପରେ ରାହୁ ରେଖା ନୀତି ପାଇଁ ପ୍ରସ୍ତୁତି

ଆରମ୍ଭ ହେବ। ଏହି ବିଶେଷ ନୀତି ଯୋଗୁଁ ଅପରାହ୍ଣ ୨ଟା ୩୦ ମିନିଟ୍‌ରୁ ସନ୍ଧ୍ୟା ୬ଟା ୩୦ ମିନିଟ୍ ପ୍ରାୟ ୪ ଘଣ୍ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ରାହୁ ରେଖା ଲାଗି ନୀତି ଶେଷ ହେବା ପରେ ଠାକୁରଙ୍କ ମହାସ୍ନାନ ନୀତି କରାଯାଇ ଦର୍ଶନ ଆରମ୍ଭ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।